# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 December - 2024

### News Editor : Tapan Kumar Maharana

**********************************

## <u>ମୁଖ୍ୟ ସମ୍ବାଦ</u>

- ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ପରଲୋକରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି

— ଶେଷ କୃତ୍ୟ ଆସନ୍ତାକାଲି ନୂଆଦିଲ୍ଲୀର ରାଜଘାଟରେ ହେବ ଅନୁଷ୍ଠିତ

- ରାୟଗଡ଼ା ଜିଲ୍ଲାରେ ଆସନ୍ତାବର୍ଷ ସୁଦ୍ଧା ଭୂମିହୀନମାନଙ୍କ ଚିହ୍ନଟ ସୁନିଶ୍ଚିତ କରିବା ନେଇ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

- ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଏକବର୍ଷ ବୃଦ୍ଧି କଲେ ରାଜ୍ୟ ସରକାର

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ଖେଳାଯିବ ହକି ଇଣ୍ଡିଆ ଲିଗ୍‌ର ପ୍ରଥମପର୍ଯ୍ୟାୟ ମ୍ୟାଚ୍

# ମନମୋହନ ସିଂହଙ୍କ ପରଲୋକ

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ମନମୋହନ ସିଂହଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ମନମୋହନ ସିଂହଙ୍କ ଦେହାନ୍ତ ଦେଶପାଇଁ ଏକ ଅପୂରଣୀୟ କ୍ଷତି । **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ପ୍ରଧାନମନ୍ତ୍ରୀ ଭାବେ ଦେଶର ଗରିବ ଓ ସାଧାରଣ ଲୋକମାନଙ୍କର ଉତ୍ଥାନ ପାଇଁ ସ୍ୱର୍ଗତ ମନମୋହନ ସିଂହ ଅନେକ କାର୍ଯ୍ୟ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ପଦରୁ ଆରମ୍ଭ କରି ଦେଶର ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ଦେଶର ଶାସନ ବ୍ୟବସ୍ଥାରେ ସ୍ୱର୍ଗତ ମନମୋହନ ସିଂହଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ **ଅମିତ୍ ଶାହା** କହିଛନ୍ତି । ଅର୍ଥନୀତିରେ ତାଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ସେ ବିଶ୍ୱରେ ସମ୍ମାନର ଅଧିକାରୀ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଲୋକସେବା ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କହିଛନ୍ତି ।

**- V/O -**

ଡକ୍ଟର ମନମୋହନ ସିଂହ ୧୯୯୧ ମସିହାରୁ ୧୯୯୬ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସରକାରରେ ଅର୍ଥମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ମୁଦ୍ରାସ୍ଫୀତି ଓ ବାଣିଜ୍ୟକ ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା । ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ଶିକ୍ଷା ଅଧିକାର ଆଇନ୍, ମନରେଗା, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ, ସୂଚନା ଅଧିକାର ଆଇନ ଭଳି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା ।

ଖ୍ୟାତିନାମା ରାଜନେତା ରୂପେ ପରିଚିତ ସ୍ୱର୍ଗତ ମନମୋହନ ସିଂହ ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୧୯ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଡକ୍ଟର ସିଂହ ଷଷ୍ଠଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଦୀର୍ଘ ୩୩ ବର୍ଷ କାର୍ଯ୍ୟ କରିବା ପରେ ସେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭାରୁ ଅବସର ନେଇଥିଲେ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସିଂହ ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

୧୯୮୭ ମସିହାରେ ଡକ୍ଟର ସିଂଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ବିଭୂଷଣ** ପ୍ରଦାନ କରାଯାଇଥିଲା । ତାଙ୍କ କାର୍ଯ୍ୟ ଓ ଆର୍ଥିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ।

ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଗତକାଲି ରାତିରେ ୯୨ ବର୍ଷରେ ନୂଆଦିଲ୍ଲୀରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଆଜିଠାରୁ ଆସନ୍ତା

୭ ଦିନ ପାଇଁ ମନମୋହନ ସିଂହଙ୍କ ପରଲୋକରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି ।

କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାର୍ଥିବ ଶରୀରକୁ ଆସନ୍ତାକାଲି ନୂଆଦିଲ୍ଲୀ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯିବ । ସେଠାରେ ସାଧାରଣ ଲୋକେ ତାଙ୍କୁ ଶେଷ ଦର୍ଶନ କରିବା ପରେ ଅନ୍ତିମ ଯାତ୍ରାରେ ଶେଷକୃତ୍ୟ ପାଇଁ ନୂଆଦିଲ୍ଲୀର ରାଜଘାଟକୁ ନିଆଯିବ।

## ମନମୋହନ ସିଂହ-ଜିଲ୍ଲା

ଭାରତର ପୂର୍ବତନ ପ୍ରଧାମନ୍ତ୍ରୀ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

**ନୂଆପଡା** ଜିଲ୍ଲା ଖଡିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦ ପକ୍ଷରୁ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା।

**ମାଲକାନଗିରି** କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ଆୟୋଜିତ ସ୍ମୃତିସଭାରେ ଜିଲ୍ଲା କଂଗ୍ରେସ କମିଟିର କର୍ମୀମାନେ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ

ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

## ରାଜସ୍ୱ ବ୍ୟବସ୍ଥାର ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ରାୟଗଡ଼ା ଜିଲ୍ଲା ଗସ୍ତରେ ଯାଇ ରାଜସ୍ୱ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ରାୟଗଡା ତହସିଲ କାର୍ଯ୍ୟାଳୟ ଓ ସବ୍‌ରେଜିଷ୍ଟାର ଅଫିସରେ ବସୁନ୍ଧରା ଯୋଜନା, କେନ୍ଦ୍ର ସରକାରଙ୍କ ଜଳ ଜଙ୍ଗଲ ଜମିର ଜଙ୍ଗଲ ଅଧିକାର ପଟ୍ଟାର ସ୍ଥିତି ଉପରେ ସମୀକ୍ଷା କରିବା ସହିତ ଜିଲାରେ ଭୂମିହୀନଙ୍କୁ ଚିହ୍ନଟ, ହିତାଧିକାରୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ସରକାରୀ ପ୍ରମାଣପତ୍ର  ପ୍ରଦାନର ସମୟ ସୀମା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାରେ ୨୦୨୫ ସୁଦ୍ଧା ଯେପରି କୌଣସି ଭୂମିହୀନ ରହିବେ ନାହିଁ ତାହା ସୁନିଶ୍ଚିତ କରିବାକୁ ରାଜସ୍ୱ କର୍ମଚାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ଆଉ ଏକବର୍ଷ ବୃଦ୍ଧି କରିଛନ୍ତି । ଶ୍ରୀ ଆହୁଜା ୨୦୨୫ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ରହିବେ । ଶ୍ରୀ

ଆହୁଜା ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଜୁନ୍ ମାସ ୩୦ ତାରିଖରେ ଦାୟିତ୍ୱ ନେଇଥିଲେ । ଚଳିତମାସ ୩୧ ତାରିଖରେ ଶ୍ରୀ ଆହୁଜାଙ୍କର କାର୍ଯ୍ୟକାଳ ଶେଷ ହେଉଥିଲା ।

## ପରିଚାଳନା କମିଟିର ବୈଠକ

ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଉଚ୍ଚସ୍ତରୀୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପ ଅଧୀନରେ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

## କୃଷି ପ୍ରଶିକ୍ଷଣ ଶିବିର

**ବୌଦ୍ଧ** ପାଳଝାରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ସ୍ଥାୟୀ କୃଷି, ଜୈବିକ ଓ ପ୍ରାକୃତିକ କୃଷି ଉପରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଗୋବର ଓ ଗୋମୂତ୍ରକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଖତ ଓ କୀଟନାଶକ ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା ।

## ଚଇତି ମହୋତ୍ସବ ସ୍ଥଗିତ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ପରଲୋକ ପରେ ରାୟଗଡ଼ାରେ ଚାଲିଥିବା ଜିଲ୍ଲା ମହୋତ୍ସବ **ଚଇତି**କୁ ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।  ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡାର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଜାନୁୟାରୀ ମାସ ୨

ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ ଚଇତିର ସମସ୍ତ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପୁଣି ଅନୁଷ୍ଠିତ ହେବ।

## କୃଷି ଯନ୍ତ୍ରପାତି ମେଳା

**ଯାଜପୁର** ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଯାଜପୁରର କୁସୁମା ପଡିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଉଦଘାଟନ କରିଥିଲେ। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନିଲ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ମେଳାରେ ଆଲୋଚନା ହୋଇଥିଲା।

## ଆକାଶବାଣୀ କାର୍ଯ୍ୟକ୍ରମ

୨୦୨୪ ମସିହାର ଶେଷ ଦିନରେ ବର୍ଷତମାମ ଘଟିଥିବା ପ୍ରମୁଖ ଘଟଣାକୁ ନେଇ ଆକାଶକବାଣୀ ସମାଚାର ବିଭାଗ ତରଫରୁ 'ଚର୍ଚ୍ଚାରେ-୨୦୨୪' ପ୍ରସ୍ତୁତ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମ ଆକାଶବାଣୀ କଟକ କେନ୍ଦ୍ରରୁ ଆସନ୍ତା ମଙ୍ଗଳବାର ରାତି ୧୦ଟାରେ ପ୍ରସାରଣ କରାଯିବ ।

## ହକି ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ହକି ଇଣ୍ଡିଆ ଲିଗ୍-୨୦୨୪-୨୫ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଜାନୁଆରୀ ମାସ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ମାସ ୧୯ ତାରିଖଠାରୁ ଖେଳାଯିବ। ଆସନ୍ତାକାଲି ଗୋନାସିକା ଓ ଦିଲ୍ଲୀଏସ୍‌ଜି ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଜାନୁଆରୀ ମାସ ୩୧ ତାରିଖରେ ସେମିଫାଇନାଲ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ଫେବୃଆରୀ ମାସ ୧ ତାରିଖରେ ଖେଳାଯିବ। ସମୁଦାୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ ଏବଂ ଅନ୍ୟ ସମସ୍ତ ମ୍ୟାଚ୍ ରାଉରକେଲାରେ ଖେଳାଯିବ। ଅନ୍ୟପକ୍ଷରେ ଗତକାଲି କଳିଙ୍ଗ ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍‌ର ଜର୍ସି ଓ ମାସ୍କଟକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି।

## ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବର୍ଷାର ସମ୍ଭାବନା

ରହିଛି ।  ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି...

# - V/O -

ସୂଚନା ଅନୁସାରେ, ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ, ଜାନୁୟାରୀ ପହିଲାଠାରୁ ରାତିର ସର୍ବନିମ୍ନ ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*******************************